GOVERNMENT OF INDIA
NATIONAL LIBRARY, CALCUTTA.

Class No. OR 891·452
Book No. ~~D 49 B.~~ D 852
N. L. 38.
MGIPC—S8—8 LNL/56—22-5-57—50,000.

NOT TO BE LENT OUT

NATIONAL LIBRARY.

This book was taken from the Library on the date last stamped. A late fee of 1 anna will be charged for each day the book is kept beyond a month.

10. 3. 58.

N. L. 44.

MGIPC—S8—39 LNL/55—3-4-56—20,000.

ସୁହାସିନୀପ୍ରହସନ ।

ଯୁବରାଜ ଶ୍ରୀ ବୀରବିକ୍ରମ ଦେବଙ୍କ

ବିରଚିତ ।

PRINTED BY S. B. RAI,

AT THE RAY PRESS,

CUTTACK,

1903

SHELF LISTED

Or
891.452
D852B

ଶ୍ରୀଲ ଶ୍ରୀଯୁକ୍ତ ବଳଭଦ୍ର ଦେବ ପଟ୍ଟାୟତ୍

। ଚ । ବାମଣ୍ଡା

ପ୍ରିୟ ମହାଶୟ !

ସୁଶିକ୍ଷିତ ମହିଳା ପ୍ରଭୃତି ନାନାବିଧ ପୁସ୍ତକ ନିଚୟର ଉତ୍ପା-ଦନଲାଗି କ୍ରମାଗତ ଦ୍ରୁତ ସୁସାଧକ ବୋଧକ ପ୍ରଭୃତି ପୁସ୍ତକ ନିଚୟକୁ ଉତ୍ସାହିତ କରି ଯତ୍ନବାନ୍ ହୋଇଥିବେ, ତଦ୍ରୂପ ଆପଣ ସାହିତ୍ୟ-କାନନ-ବିକଶିତ-କଳିକାଭଳି ଅସୁନ୍ଦର ନାଟକାବଳୀ ପାଠ କରୁଥିଲେ ମଧ୍ୟ ଏହି ଲଘୁକାୟ ପୁସ୍ତକ ପ୍ରଭୃତି "ସୁହାସିନୀ" କଦାପି ଆପଣଙ୍କ ସମକ୍ଷରେ ଅନାଦୃତ ହେବ ନାହିଁ ।

ଏତଦ୍ଧେତୁରୁ ଆପଣଙ୍କୁ ଉକ୍ତ ପାଠ ମନନ କରି ଉପହାର ଦେଲି । ସାଦରରେ ଗ୍ରହଣ କଲେ ଶ୍ରମ ସଫଳ ମନେ କରିବି । ଇତି ।

ସ୍ନେହାକାଙ୍କ୍ଷୀ

ଶ୍ରୀ ବୀରବିକ୍ରମ ଦେବ

941
8 OCT 1903

ସୁହାସିନୀ ପ୍ରହସନ ।

ପ୍ରଥମ ଦୃଶ୍ୟ ।

(ସୁହାସିନୀ ପର୍ଯ୍ୟଙ୍କୋପରି ଆସୀନା)

ରସବତୀର ପ୍ରବେଶ ।

ସୁହାସିନୀ—ତୁ କିଏ ଲୋ ? ତୋ ଘର କାହିଁ ? ଏଠାକୁ କାହିଁକି ଆସିଛୁ ?

ରସବତୀ—ସାଅନ୍ତାଣି ! ମୁଁ ଜଣେ ଏ ସହରବାସିନୀ, ମୋ ନାଁ ରସବତୀ, ତୁମ ଅନୁସରଣ କରିବା ପାଇଁ ଆସିଛି । ତୁମ ଭଳି ସାଅନ୍ତାଣୀମାନଙ୍କ ସେବା କରି ଓ ମନ ମିଳାଇ ଦୁଇ ଗୃହ ପଇସା ନେଇ ପେଟ ପୋଷେଁ ।

ସୁହାସିନୀ—ଏ ବେଶ୍ କଥା, ଯେ ମନ ଜାଣି ସେବା କରି ପାରେ ସେ ଗୃହ ପଇସା ନେଇକି ପାରେ, ଜଣଙ୍କର ମନ ଖୁସି କରି ଆପଣା ପେଟ ପୋଷିବା ସହଜ କଥା ନୁହେ । ଯେ ସବୁ ବିଷୟରେ ନିପୁଣ ସେ ପର ମନ ମିଳାଇ ପାରେ । ତୁ କେମନ୍ତ ଆମ୍ଭମାନଙ୍କର ମନକୁ ଭୁଲାଉ ?

ଇନ୍ଦୁକାନ୍ତ—ପାଅନ୍ତ୍ରାଣି ! ସେ କହିବା କଥା ନୁହେଁ । ସମୟ ହେଲେ
କାର୍ଯ୍ୟ କରି ଦେଖାଇ ଦେବ ! ତୁମ୍ଭେ ଏ ସହରର ସର୍ବ
ସୁନ୍ଦରୀ ବୋଲି ଲୋକଙ୍କଠାରୁ ଶୁଣିଥିଲି, ତୁମକୁ ଦେଖି
ଏବେ ଜାଣିପାରି ଅଛୁ ଯେ ମୋ ଶୁଣିବା କଥା ସତ । ଭିନ
କେତେ ସୁନ୍ଦରୀ ଏ ସହରରେ ନାହାନ୍ତି, ମୁଁ ସହରର ପ୍ରତି
ଘରକୁ ଯାଇଅଛି; ମାତ୍ର ତୁମ ଭଳି ସୁନ୍ଦରୀ କାହାର ଘରେ
ଦେଖି ନାହିଁ । ଅପ୍ସରାମାନଙ୍କ ମଧ୍ୟରେ ଅମ ଲଜ୍ଜାପ୍ରଥା
ସମାନ ଯେମନ୍ତ କେହି ସୁନ୍ଦର ନାହାନ୍ତି ସେମନ୍ତ ମାନ୍ଧ-
ବଳାଅ ମଧ୍ୟରେ ତୁମେ ଜଣେ ।

ସୁହାସିନୀ—ବିଦ୍ୟା, ଧନ, ସମ୍ପତ୍ତି ଓ ସୁନ୍ଦରପଣ ଏ ସବୁ ପୂର୍ବ
ସୁକୃତରୁ ମିଳିଥାଏ ଏହି ଯୋଗୁଁ ଅନ୍ୟ ଲୋକଙ୍କୁ ହସିବା
ଉତ୍ତମ ନୁହେ ।

ଇନ୍ଦୁକାନ୍ତ—ସେତ ସତ, ଯାହା ଆଖିରେ ଦେଖିବାକୁ ମିଳେ ତାହାହିଁ
କହିବାକୁ ପଡ଼େ । ଅହା ତୁମ ରୂପ ଦେଖି କିଏ ହେଲେ
ଥରେ ପ୍ରଶଂସା ନ କରି ରହି ପାରିବ ?

ଖରଭଟ୍ଟୁରି । ଝୁଲା ଏକତାଳ ।

ଦେଖି ଯୋଗେଶ୍ୱରଙ୍କର ଛନ୍ଦ ହେବ ମତି,
ବାଣୀ ଶୁଣି ବୀଣା ଫିଙ୍ଗି ଦେବ ସରସ୍ୱତୀ । ୧ ।

ଅପୂର୍ବ ମୁଖକୁ ତୁମ୍ଭ ଗଢ଼ିଣ ବିଧାତା,
ଉପମା ଦେବାକୁ ମନେ କଲା ବହୁ ଚିନ୍ତା । ୨ ।

କଳ୍ପିଲା ଚନ୍ଦ୍ରମାକୁ ହେବ ପଦ୍ମ ସମ,
ଜାଣି ନ ଥିଲା ତୋ ମୁଖ ହେବ ଶୋଭାଧାମ । ୩ ।

ତୁଳନା କଲା ତୁହିନ ଧର ଦେଖିବ,
ମୁଖଠାରୁ ଲଘୁ ହୋଇ ଶଶୀ ହେଲା ଦୁଃଖ । ୪ ।

ସେହୁ ଚିନ୍ତି ବୁଦ୍ଧି କଗଜ ରହନ୍ତୁ ଅକାଶେ,
ଅପମାନ ହେଲା ବୋଲି ଭଲକୁ ନ ଖସେ । ୫ ।
ବାହୁକୁ ଦେଖି ତୁମ୍ଭର ମୃଣାଳ ଚଳିତ,
ସମ କାହୁଁ ହେବ ବୋଲି ହେଲା ଜଳେ ସ୍ଥିତ । ୬ ।
ଭବ-ବରଣୀରେ ତୁମ୍ଭେ ବସ୍ତୁମଲ୍ଲ ସ୍ୱଭା,
ସୁଜାଜନମାନଙ୍କର ନୟନର ଶୋଭା । ୭ ।
ବର୍ଣ୍ଣିବାକୁ ଗୁଣଙ୍କୁ ମୁଁ କସ୍ସ ଜାଣନ,
ଭବ ହେଲେ କହୁଁ ୨ ହୋଇବେ ମଉନ । ୮ ।

ସୁହାସିନୀ—ରସବତି ! ତୁ ମୋର ଯେତେ ପ୍ରଶଂସା କଲୁ ସବୁ ମନ-ଗଢ଼ା କଥା, ମୁଁ ସେ ରକ ରୂପବତୀ ନୁହେଁ ଓ ସେ ରକ ରୂପବତୀର ବାକ୍ସୀ ପଣ ହେବ ନାହିଁ ।

ରସବତୀ—ନିଜ ପ୍ରଶଂସା କିଏ କରେ କି ? ଯେ ନିଜ ପ୍ରଶଂସା କରେ ସେ ଲୋକ ମଧ୍ୟରେ ଅବଶ୍ୟ ନିନ୍ଦା ପାଏ । ତୁମେତ ନିଜେ ସବୁ ଜାଣୁଥିଲେ ଜାଣୁଣା । ମୁଁ ସୁନ୍ଦରୀ ବୋଲି କେମିତି କହିବ କି ?

ସୁହାସିନୀ—(ଅନ୍ତର୍ହସି) ତୋ ପରି ପରିହାସ କରିବା ମାଈକନିଆ ମୁଁ ଦେଖି ନ ଥିଲି, ତୁଇ ପରିହାସରେ ସଂସାରଯାକ ଜିଣି ପାରିବୁ, ତୋତେ ପରିହାସରେ ଜିଣିବା ଆଶା ରଖିବା ଭୁଲ, ତୁଇ ମୋ ପରି ପଣେ ଲୋକକୁ ପଢ଼ାଇ ଦବୁ ।

ରସବତୀ—ମୁଁ ପରିହାସ କଥା କହୁ ନାହିଁ ବା ମିଛ କହି ନାହିଁ । ମୁଁ ଯେତେ କଥା କହିଲି ସବୁ ସତ, ଯେବେ ତୁମକୁ ପରତେ ହେଉ ନାହିଁ ହେଲେ ଆରସୀ ଦେଖ ମୋ କଥା ଗୁଡ଼ିକ ସତ ବା ମିଛ ଜାଣି ପାରିବ ।

ସୁହାସିନୀ—ଏତେ ଗଡ଼ିଏ କଥା କାହିଁ ବଢ଼ାଉଛୁ, ତାହିଁରେ ଅମ୍ଭର ଲାଭ କଅଣ ? ତୁହାରେ ବାପୁଣୀ ପରି ବଢ଼ ପଢ଼ାଉଛ

ରସବତୀ—ଅଜି କାହିଁକି ବେଶ ପକେଇ ନାହିଁ ? ଦେହ ସୁସ୍ଥ ନାହିଁ କି ? କିବା ତୁମ ମନେ କିଛି ଦୁଃଖ ହୋଇଛି ।

ସୁହାସିନୀ—ଈଶ୍ୱର ସବୁ ପୂରଣ କରିଛନ୍ତି ଦୁଃଖ ବା କାହିଁକି ହେବ ? ଦେହ ଅସୁସ୍ଥ ନାହିଁ । ମାତ୍ର ସ୍ୱାମୀ ଘରେ ନ ଥିବା ଯୋଗରୁ ମନ ଫୁରୁଣା ନାହିଁ, ସ୍ୱାମୀ ବିନା ସଂସାରରେ ସ୍ତ୍ରୀର କି ସୁଖ ? ସ୍ୱାମୀ ନ ଥିଲେ ବେଶ ପକେଇବା କି ଫଳ ? ପୁଣି ଘରକରଣା କଥା ଗୁଡ଼ାକ ସବୁବେଳେ ଦେଖିବାକୁ ପଡ଼ୁଛି ।

ରସବତୀ—ସାଆନ୍ତାଣି ! ସାଆନ୍ତେ କେତେ ଦିନ ହେଲା ପରଦେଶ ଯାଇଛନ୍ତି ? ତାଙ୍କ ନିକଟରୁ ଚିଠାଉ ଆସି ନାହିଁ କି ? ସାଆନ୍ତେ ତ ଅବଶ୍ୟ ସୁଖରେ ଥିବେ ତୁମ୍ଭେ ବାରେ କାହିଁକି ମନଦୁଃଖ କରୁଛ ?

ସୁହାସିନୀ—ଅନେକ ଦିନ ହେଲା ଯାଇଛନ୍ତି । ସ୍ୱାମୀ ନ ଥିଲେ ମନେ କେମନ୍ତ ଦୁଃଖ ଉପୁଜେ ତାହା ତ ବୁଝି ପାରୁଥିବୁ ? ମୁଁ ଅଧିକ କଅଣ ବୁଝାଇବି । ଭୋଜନ ପାଣି କିଛି ଭଲ ଲାଗୁ ନାହିଁ । ସବୁ ବସ୍ତୁ ଖରାପ ଲାଗୁଛି । ମନ କେମିତିଆ ଲାଗୁଛି କିଛି ଥିର କରି ହେଉନାହିଁ । ସବୁବେଳେ ଚାରିଦିଗ ଅନ୍ଧାର ଦିଶୁଛି । ଚିଠାଉ ତାଙ୍କଠାରୁ ଆସି ନାହିଁ ।

ରସବତୀ—ତୁମ ସ୍ୱାମୀ ବିଦେଶରୁ ଆସିବା ଯାଏ କେମିତି କରିବ ?

ସୁହାସିନୀ—କଅଣ କରିବ ! ଯେଉଁପରି ହେଲେ ଦୁଃଖେ ଦିନ କଟିଯିବ ।

ରସବତୀ—ସାଆନ୍ତାଣି ! ମୁଁ ତୁମ କଥାଗୁଡ଼ିକ ଶୁଣି ବଡ଼ ଦୁଃଖୀ ହେଲି । ଆହା ! ଏଭଳି ସୁକୁମାର ଦେହକୁ ଏତେ ଦଣ୍ଡ, କଥାଟା ବଡ଼ ନିଷ୍ଠୁର, ତୁମ କରୁଣ କଥା ଶୁଣି ମୋ ମନରେ

ସେପରି ଦୁଃଖ ହଉଛ କଅଣ କହିବ ? କହିଲେ ତା ପରେ ଶାନ୍ତ ହବ ?

ସୁହାସିନୀ—କହିବନା ?

ରସବନ୍ତ—ସତ ନ କଲେ କହିବ ।

ସୁହାସିନୀ—ସତ୍ୟବାର କଥା କଅଣ ? ସତିବା ଭଳ କଥା ହେଲେ ତ ଅବଶ୍ୟ ସତିବାକୁ ହେବ ।

ରସବନ୍ତ—ତୁମ ଦୁଃଖ ଦେଖି ମୁଁ ଭାରି ଦୁଃଖୀ ହୋଇ ତୁମ ଦୁଃଖର ଦୂର କରିବାକୁ ମନେମନେ ଭେବେ ଭାବନା କରୁଛ ତାହା ତାକ କହ କହିବ, ପୁଣି ଯେବେ ମ ବା ନାହିଁ । ଯାହା ହେଉ କହୁଛ । ମୁଁ ତୁମ ବେଶ ସାଜି ଅଖି ଭର ଦେଖିବା ପାଇଁ ଆସିଥିଲି, ତୁମ ଦେହ ଅସୁଖ ଦେଖି କହିବାକୁ ଡରୁଥିଲି । ଅନୁମତି ହେଲେ ବେଶ ସାଜି ଦିଅନ୍ତି ।

ସୁହାସିନୀ—ଏଥକ ପାଇଁ ଏତେ ଡର ଓ ଏତେ କଥାରି ? ଘର କାମ ସବୁ କରିବାକୁ ଅଟୁ ଅଳି ହେଲ ନାହିଁ, ଅଜ-ଦିନ ଅଧି ମନ ପଡ଼ୁଥିଲ ବେଶ ସାଜିବୁ ।

ରସବନ୍ତ—ଯେବେ ମୋ ମନରେ ତୁମ କହିବା ପର ବଶ୍ୟର ଥାଆନ୍ତା ହେଲେ ଏତେ କଥାରି କାହିଁକି କରନ୍ତି ? ଓ ଥରକୁ ଥର ଅସୁସ୍ଥ କାହିଁକି ଦିଅନ୍ତି ? ମୋ କଥା ରଖିଲେ କହୁଛ ଆନନ୍ଦ ହେବ ।

ସୁହାସିନୀ—ବେଶ ସାଜିଲେ ଲାଭ କ ? ପତି ଘରେ ନାହାନ୍ତି । ମୋ ବେଶର ଆଦର କରିବ କିଏ ? ବେଶ ସାଜି ସେହି-ସଣି ଉଠାଇ ଦେବାକୁ ହେବ ସିନା ଆଉ କେଉଁଣସି ଫଳ ନାହିଁ । ପତି ବିଦେଶରେ ଥିବା ଦିନୁ ଅଳଙ୍କାର ଗଣ୍ଠିକ ସାଇତି ରଖିଛି । ସେଥି ପିନ୍ଧାଇବାକୁ ମନ ବଳ ନାହିଁ ।

ରସବନ୍ତ—ତୁମ ଭଳି ସୁନ୍ଦରୀଙ୍କ ଗହଣା ଅଳଙ୍କାରର ଦରକାର ନାହିଁ, ମାଈକିନିଅମାନେ କୁତ୍ସିତା ସେମାନଙ୍କୁ ଦେଖାଇବା ନିମିତ୍ତ ଅଳଙ୍କାର ଗହଣା ସୃଷ୍ଟି ହୋଇ ଅଛେ ବଡ଼ ସୁନ୍ଦରୀ ବୋଲି କେହି କହିଥାଆନ୍ତି କିନା ? ଅଳଙ୍କାରରେ କି ରୂପ ବଢ଼ଲେ ? ଯେ ସହଜେ ସୁନ୍ଦରୀ ତା ପାଇଁ ଗହଣା ଅଳଙ୍କାରର ଲୋଡ଼ା ନାହିଁ । ଗୋଟିଏ ସଜ, ହେଲେତ ସ୍ତ୍ରୀରତନ ମୋହି ଯିବେ । ଦେହରେ ଗୋଟିଏ ଅଳଙ୍କାର ହେଲେ ହେଲା । ଗହଣା ନ ପିନ୍ଧି ଯେବେ ଏତେ ରୂପ ତେବେ ଗହଣା ପିନ୍ଧାଇ ବେଶ ସଜି ଦେଲେ କେମନ୍ତ ଦିଶିବ ତାହାହିଁ ଦେଖିବାକୁ ମୋ ସାଧ । ଏ ଅଳ୍ପ କଥାଟିକୁ ଘେନିଲେ ମୋ ମହତ ରହିଲା ଓ ଏଥିରେ ମୋତେ ଯେତେ ଆନନ୍ଦ ହେବ ତାହା କି କଥାରେ କହି ଯାଇବ ?

ସୁହାସିନୀ—ଏତେ ହଠ କାହିଁ କରୁଛ ତୋର ଏ କି ସ୍ୱଭାବ ?

ରସବନ୍ତ—ମୁଁ ତୁମଠାରେ କଣ ଜିଦ୍ କରୁଛି ? କେବଳ ତୁମ ଶୋଭା ଦେଖିବାକୁ ସିନା ହାତଯୋଡ଼ି ଜଣାଉଛି ।

ସୁହାସିନୀ—ଯେବେ ତୁ ଦେଖିବାକୁହିଁ ଇଚ୍ଛୁ ହେଲେ କାହିଁକି ନାହିଁ କହୁଛ ? ତୋ ମନ ବା କାହିଁକି ଦୁଃଖିବ ?

(ଅଳଙ୍କାରପେଡ଼ି ଘେନି ରସବନ୍ତଙ୍କୁ ଦେବାର)

(ରସବନ୍ତ ଅଳଙ୍କାର ମଧ୍ୟରୁ କେବଳ ଟାଟିଆ ପିନ୍ଧାଇ ଦେବାର)

ରସବନ୍ତ—ଅହା ! ଆଜି ମୋ ଆଖି ସଫଳ ହେଲା । ଏତେ ଦିନଠି କଇ ନ ହେଲେ କି ମନକାମନା ପୂର୍ଣ୍ଣ ହୋଇଥାନ୍ତା ? ଗୋଟିଏ ଗହଣାରେତ ଏତେ ଶୋଭା, କେଶରେ ଫଳ କି ? ଅଧିକ ଗହଣା ପିନ୍ଧିବା ଲୋଡ଼ ନାହିଁ ହେବା ସିନା ଆଉ କିଛି ନାହିଁ । ଶୋଭାର ପ୍ରଶଂସା କଅଣ କରିବ ।

କହିଦେଲି ମନକଥା କୋଇଲ । ଶୋଭା ଦେଖି ଯୋଗୀ ଯୋଗ ଛାଡ଼ିବେ । ତୁମ ସେବା ଛାଡ଼ି ରହି ପାରବେ ନାହିଁ ।

ସୁହାସିନୀ—ଏଥର ମନବୋଧ ହେଲା । ଏଥକ ପାଇଁ ଏତେ କଥାକି?

ରସବନ୍ତ—ମୋ ଦୋଷ କ୍ଷମା ହେଲେ ଆଉ ପଦେ ଜଣାନ୍ତି ।

ସୁହାସିନୀ – କଏ ମନା କରୁଛ ?

ରାଗ ଝୁଲା ।

ରସବନ୍ତ – ସଜସଗେଜ ଲଟନ ହୋଇଛୁ ମଳିନ ।
ଜାଣନ୍ତ ନ ଜାଇ ଜବ ଅଛୁ ମୋର ଗୁଣ । ୧ ।

ସୁହାସିନୀ – ଯାତମାତ୍ର ଦେବ ପଠ ଗଲେ ପରଦେଶ ।
ଅନୁଯାଏ ନ ଅଣିଲେ ହେଲା କଷ୍ଟ କ୍ଳେଶ । ୨ ।
ଏହି କଥା ଧ୍ୟାନ ମନ ଦୁଏ ଛନ ଛନ ।
କଣ ସମ ଦୁଏ ସବୁ ଅଶନ ବ୍ୟଞ୍ଜନ । ୩ ।

ରସବନ୍ତ – କୃଥାକଥା ପାଇଁ ବର୍ଷା ହେଉଛି ଚାତ୍ରକ ।
ଅଳ୍ପଦିନେ ବାନ୍ଧୁଜି ଅଛିବେ ତୁମ୍ଭ କାନ୍ତ । ୪ ।
ଦେଖ କ ସୌଭାଗ୍ୟଫଳ ହେଲା ପଗ୍ଗପଦ ।
ତୁମ୍ଭଠାରେ ନୃପସୁତ ହେଲେ ବଶୀଭୂତ । ୫ ।
ଆଉ କଥାମାନ ହୃଦେ ନ କର ସ୍ୱେର ।
ମୁଁ ଯାହା କହୁଛୁ ତାହା କର ଅଙ୍ଗୀକାର । ୬ ।
ଅପୂର୍ବ ପଦାର୍ଥ ଯେତେ ମିଳୁଛୁ ସହଜେ ।
ମନମତି ଜନ ବିନା ନ ନେଲ ବଶରେ । ୭ ।
ତୁମ୍ଭ ସମ ହୋଇ କେହୁ ନ ଅଛେ ପଣ୍ଡିତା ।
ତୁମ୍ଭେ ବିନା ହୋଇ ପାର ତାଙ୍କ ଉପଯୁକ୍ତା । ୮ ।
ସେ ରାଜକୁମାର ମାର ସମେ ପଞ୍ଚାନ୍ତର ।
ସେ ପୁଣି ତୁମ୍ଭରେ ହୋଇଛନ୍ତି ଅନୁସାର । ୯ ।

ସୁହାସିନୀ—ଏତେ ଲକ୍ଷ୍ୟପଣ କି ଦେଗା କର୍ମରେ ଉଚିତ ।
ଶୁଣି ତୋର ବାଣୀ ମୋତେ ଲାଗେ ଅଦ୍ଭୁତ । ୧୦ ।
ତ ଭାଇଙ୍କେ ସ୍ୱବରାଜ ଅଣିବେ ମନକୁ ।
ମୋର ଘର କେବେ ନାସ୍ତି କ ମିଳେ କି ତାକୁ । ୧୧ ।
ସାମାନ୍ୟ ମଣି ତ ସ୍ୱଜନରେ ଶ୍ରେଷ୍ଠଙ୍କୁ ତରେ ।
ଯେତେ ରୂପବନ୍ତ ହେଲେ ଅଲଭ୍ୟ ନୁହେ ମୋତେ । ୧୨ ।
ବୃଥା ଦିନା ଭାଇଠାରେ ବଳାଇବା ତନ୍ତ୍ର ।
ଲୁମ୍ଫଦ୍ୱାନିତ ହୋଇଛୁ କି ବସ୍ତୁବତ । ୧୩ ।

ଭଗବତ—ଭାବିଁ କ ଏମନ୍ତ ବାଣୀ କହ ନାରୀମଣି ।
ମୋର କଥା ପରୁକରୁ କି ଧଲ କି ଶୁଣି । ୧୪ ।
କହିତିରେ ମହିଁ ଏହା ଅତଃଉଁ ପ୍ରଶସ୍ତ ।
ଜଣେ ନାହିଁ ମୋର ନାମ ହୋଇ ଅବହିତ । ୧୫ ।
ଅଙ୍ଗୀକାର ଯେବେ ହେବ ସୁବୁଦ୍ଧହାସିନୀ ।
ଅଗ୍ରାଧିକୁ ସାଧିବାକୁ ହେବ ସାହାସିନୀ । ୧୬ ।
ଅକାଶ ସୂର୍ଯ୍ୟଙ୍କୁ ଅଣି ଥୋଇବଉଁ ତଳେ ।
ବିହଙ୍ଗ ଉଡ଼ାଇବ ଗଗନମଣ୍ଡଳେ । ୧୭ ।
ପ୍ରମୂନ ମୋହନ ବଶ ଉଚ୍ଛାଟନ ବଧ ।
ଜନମହାଲକୁ ମୋତେ ଶିଖାଇଛୁ ବଧ । ୧୮ ।

ସୁହାସିନୀ—ଦୁଃସାହସ ବାଣୀ-ଖଡ୍ଗ କୂଲାଇ ମିଛଣୀ ।
ମୋର ଧୈର୍ଯ୍ୟକୁରଙ୍ଗକୁ ପଳାଇଲା ହାଣି । ୧୯ ।
ଅତି ମୃଦୁଲ ହୃଦୟ ଲବଣୀର ବତ ।
ଖରସ୍ପ ତାତି ଲାଗିଣ ହେଲା ଦ୍ରବୀଭୂତ । ୨୦ ।
ନ ବିଷର କ୍ଷି ଅଉ ହେଉ ଅନାସ୍ତ ।
ବାଣୀ-ବଜ୍ରଘାତରେ ମଳମୀନ ଜଳୁ ଥିତ । ୨୧ ।

ଉଷବନ୍ତ—ତୁମ୍ଭ ରୂପର ପ୍ରଶଂସା ଶୁଣି ମୁଁ ବଡ଼ ମୋହିତ ହୋଇ-
ଅଛି ତୁମର, ସ୍ୱଜନ ସବୁ ଚଳେ କରୁଅଛି ଶୁଣିଲି
ହିନ୍ ଘରକାର୍ଯ୍ୟ ଦେଖ ନାହାନ୍ତି; ଘଡ଼ିକ ମୁଁ ଘର ପର ମଣୁ-
ଅଛି, ତୁମକୁ ଥରେ ଦେଖି ମନ ବଡ଼ ବ୍ୟସ୍ତ ।

ସୁହାସିନୀ—ମୁଁ ତ ପହିଲୁ କହିଛି ଏ ସବୁ କଥାରେ ବଡ଼ଲୋକରେ ମାତରୁ
ଥାଇଲା ପର ମୋ ମନକୁ ଥାଣି ପକେଇତ, ସେହି-
ବେଳରୁ ମୋ ମନ ଆଉ ମୋ ଅଧୀନରେ ନାହିଁ ତୁ
ଯାହା କହିବୁ ତାହା କରିବାକୁ ମୁଁ ରାଜୀ ଅଛି ।

ରାଗ କାନଡ଼ଗୌଡ଼ା । ତାଳ ଚୌପୁଟ ।

ରସବତି ମୋର ମତି ନୁହେ ସ୍ଥିତି ।
ରତିପତି ମୋ ଛାତିରେ ମାରେ ଲାତ । ଘୋଷା ।
କାନ୍ତ ହେଲା ଅଗତ, ପୁଣି ବଦେଶୀ କାନ୍ତ ।
ଶୁଣି ମନମୂଳ ରୁଚି ଦିନରାତି । ୧ ।
ଜଟେ ମଳୟ ମରୁତ   ମନ୍ଦଗତି ହେଲେ ଦୂତି
ଝିଙ୍କି ଝଙ୍କାର ସହିତ ପୁର ଶୁଣି । ୨ ।
ନବପତ୍ରେ ଚଳୁକାନ୍ତ   ହୋଇଲେଣି ସୁଶୋଭିତ
ଭ୍ରମିଲେଣି ହୋଇ ମତ୍ତ ଭୃଙ୍ଗପନ୍ତି । ୩ ।
ହୋଇଛୁ ପରଅଧୀନ   କହନ୍ତୁଣୀ ନାହିଁ ମୁଁ ତ
ପୂରିଲ ମୋ ମନୋରଥ କର ଗତି । ୪ ।

ଉଷବନ୍ତ—ତୁମ୍ଭ ଭଳି ହୃଦଶୀଳ ଏପରି ଦୁଃଖ ! ଏ ଯୋଗ କଥାଟାକୁ
ମନ ବୋଲନ୍ତି । କଣର ମାନଙ୍କ ବନେ ଅନ୍ତ ହଜିଲା ପର
ବୟସ ଅକାରଣ ହେଲା ! ଯୁବାବୟସରେ ଯଥାରୀତି
ସୁଖଭୋଗ ନ ହେଲେ ଆଉ କେବେ ସୁଖ ଭୋଗ ହେବ ?
ତୁମ ଦୁଃଖ କଥା ଶୁଣି ମୁଁ ପ୍ରତିକାର କରିବ ବୋଲି
ଅଛି । ମୋ କହିଲା କଥା ଶୁଣିଲେ ଅବଶ୍ୟ ଦୁଃଖ ଯିବ ।

ସୁହାସିନୀ—ମୋ ଦଶା ତୁ ତ ଭଲେ ଦେଖିଲ, ମୁଁ ଆଉ କଅଣ କହିବ । ତୋ କଥା ମାତ୍ର ଅପେକ୍ଷା କାର୍ଯ୍ୟ କରିବ । ଆଉ ବାଧା ସହି ହେଉ ନାହିଁ । ମୋ ପ୍ରାଣ ରକ୍ଷା, ତୋହ ଠାରେ କେବଳ ମୋର ଭରସା ।

ରସକଣ୍ଠ—ଏତେ ଅଧୀର ହୁଅ ନାହିଁ । ମୁଁ ତୁମ ଦୁଃଖ ଦୂର କରିବାକୁ ଆସିଛି ।

ସୁହାସିନୀ—କଥା କହୁଁ ଯେବେ ପ୍ରାଣ ଯିବ ତେବେ କଅଣ କରିବୁ ? ଆଉ ବିଳମ୍ବ ସହି ହେଉ ନାହିଁ । ତୁଚ୍ଛ କଥା ମୋ ପ୍ରାଣକୁ ଆଉ ଅଧୀର କର ନା ।

ରସକଣ୍ଠ—ଯୁବରାଜ ମଦନଉଦ୍ୟାନକୁ ଆଜି ଯିବେ । ସେଠାକୁ ଗଲେ ଭେଟ ହେବ । ମୋ ଜନ୍ମରେ ଯେତେ ଝାଲୁ-ଚିରେ କହିଚନ୍ତି ତାହା କି ମିଛି ହେବ ? ତୁମେ ନ ଗଲେ ତାଙ୍କ ପରିତ୍ରାଣ ନାହିଁ ।

ସୁହାସିନୀ—ଏ ମା ! ଏ କି କଥା ! ଶୁଣିଲାକ୍ଷଣି ଛାତି ଶୁଖିଗଲା । ମୁଁ କୁଳବଧୂ ଅସୂର୍ଯ୍ୟମ୍ପଶ୍ୟା ବାଣ୍ଡେ କେମତି ଯିବି ! ମଦନଉଦ୍ୟାନ ରଙ୍ଗଣୀସାହିରେ ଅଛି । ପୁଣି ସନ୍ଧ୍ୟାବେଳେ ସାହି ଏ ମୁଣ୍ଡ ସେ ମୁଣ୍ଡ ଯାଏ ଲୋକଙ୍କ ଗହଳ ଥାଏ ଓ ସାହିମାନଙ୍କର ଫାଟକ ମଧ୍ୟ ବନ୍ଦ ହୁଏ । ଦାଣ୍ଡକୁ ବାହାରିବାକୁ ବାଟ ନାହିଁ ମାତ୍ରେ । ପହରା ପାଇକମାନେ ଅନ୍ୟ ସାହିର ଲୋକଙ୍କୁ ଛାଡ଼ି ଦିଅନ୍ତି ନାହିଁ । ଧରା ପଡ଼ିଲେ ଆଉ ମହତ ରହିବ କି ? ମୁଁ ଯାଇ ପାରିବି ନାହିଁ । ବେଶ ଜାଣ ମରିବା ପଛକେ ଭଲ ମାତ୍ର ସେଠାକୁ ଯିବା ଭଲ ନୁହେ ।

ରସକଣ୍ଠ—ଛି ! ଛି ! ମୁଁ ଶୁଣିଥିଲି ତୁମେ ଜଣେ ବଡ଼ ଚତୁରୀ, ମାତ୍ର ଏବେ ଜାଣିଲି ଯେ ତୁମେ କିଛି କରି ପାର ନାହିଁ । ଯେଉଁ ଲୋକଙ୍କ ହୁକୁମରେ ଫାଟକ ବନ୍ଦ ହୁଏ

ଓ ଏସ୍ଥଳଲୋକ ଅନ୍ୟ ସ୍ଥାନ ପାଇ ନ ପାରେ ତାହାଙ୍କ ସ୍ତ୍ରୀମନେ ଘୋଷ୍ଟକ ଖୋଲା ହୋଇ ଯାଇବ ନାହିଁ ? ବଡ଼ ଦୁଃଖର କଥା ! ଯଦିଏ ହେଲେ କସ୍ତୁର ନ କଲ ଏତାବେଳକେ ନିଗ୍ରହ ହଉଚ । କୌଣସି ସନ୍ଦେହ ନାହିଁ ।

ସୁହାସିନୀ—ଯାହା ହଉ ମୋର ଆଉ ଅସ୍ଥିର ନାହିଁ, ତୋ ଅସ୍ଥିରରେ ରହିଲି । ଯଦିଏ ଅନାଇ ହେଲେ ଯିବ । ଏବେ ତୁ ସୁବର୍ଣ୍ଣଙ୍କ ସମ୍ମୁଖୁ ଯାଇ ଜଣାଇ ଦେ ।

ରସବନ୍ତୀ—ହିଁ ମୁଁ ଯାଉଚ । ସମ୍ମୁଖରେ ସବୁ ଜଣାଇବ । ସନ୍ଧ୍ୟାବେଳେ ଗୋହଳ ବହୁତ ଥାଏ, ଅଉ ଗଡ଼ରେ ପହରା ପାଇକମାନେ "ମଦନ-ଉଦ୍ୟାନ"କୁ ଛାଡ଼ି ଦିଅନ୍ତି ନାହିଁ, ମୋ ସଙ୍ଗରେ 'ଆସ, ମୁଁ ତୁମକୁ ମଦନଉଦ୍ୟାନର ମଣ୍ଡପ ଭିତରେ ରଖି ସୁବର୍ଣ୍ଣଙ୍କୁ ଖବର ଦେବି । ବାହୁଡ଼ିବା-ବେଳେ ସୁବର୍ଣ୍ଣ ତୁମକୁ ଘରେ ପହୁଞ୍ଚାଇ ଦେବେ । ସେତେବେଳେ କିଛି ଭୟ ନ ଥିବ ?

ସୁହାସିନୀ—ଦିନବେଳେ ଲୋକେ ଚହ୍ନିବେ କିପରି ଯିବ ?

ରସବନ୍ତୀ—ହାଣ୍ଡିରେ କେତେ ସୁନ୍ଦରୀ ଯାଉଛନ୍ତି ତାହାଙ୍କୁ କିଏ ଚହ୍ନୁଚି ? ତୁମ୍ଭରେ ଶଙ୍କା କରୁଚ ?

ସୁହାସିନୀ—ସ୍ୱାମୀ ଆସିବା ବେଳ ହେଲାଣି । କିଏ ଜାଣେ ଆଜି ବା କାଲି ଆସିବେ ।

ରସବନ୍ତୀ—ହଇ ଏତେଦିନ ନ ଆସିଲେ ଆଜି ଆସିବେ ।

ସୁହାସିନୀ—ଯିବା ଆଉ ବିଳମ୍ବ କାହିଁକି ? ତୋ ଲୁଗା ମୋତେ ଦେ ମୁଁ ପିନ୍ଧି ହାଣ୍ଡିକୁ ବାହାରିବ ।

ରସବନ୍ତ—ଲୁଗାକୁ କଅ ପଣ୍ଟରେ ଜୀବନଟା ମାଗିଲେ ଦେଇ ପାରେ ।

(ରସବନ୍ତ ଲୁଗା ଦେବାର ଓ ସୁହାସିନୀ ପିନ୍ଧିବାର ।)

ପଟାକ୍ଷେପ ।

ଦ୍ୱିତୀୟ ଦୃଶ୍ୟ ।

ବଜାର

(ଗୀତ ଗାଇ ବଜାରୀମାନଙ୍କ ଆଗମନ ।)

ଢାଳ ମଠଝୁଲା ;

କସାଇ—ମାଂସବେଚା ମୁହିଁ କଣ ଯାହାକୁ ଯେ ରୁଚି । ଘୋଷା ।
ବଢ଼ଣ ମାଂସ ଖାଇ, ଦଶ ଟଙ୍କା ଦିଅନ୍ତୁ, ପଲାଉ କରି
ଖାଇଲେ ଅଛ କ ମୁକ୍ତି ହୁଅଇ । ୧ ।
ସଦ୍ୟମୃଗମାଂସ ଅଛି, ସୁଲଭରେ ଦେବ କହୁ ।
ଲବଣ ଲଗାଇ ଯେବେ ଦଗଖାଇ ଦେବ ବହୁ । ୨ ।
କୋଟିଏ ମାଂସ ନେଲେ, ଖାଇବ ବଳବ ହେଲେ,
ସହୁର ଭେଣ୍ଡୁଲୀ ବିରଣ୍ଡି ଜଇସା ଦେଇ । ୩ ।
ଖସି ବଲାଲ କାଟଇ, ମାଂସ ଅଛି ରଖାଇ,
ମୁସଲମାନ ନିଷେଧ ମତରେ ନୋହିବା ପାଇଁ । ୪ ।
ଅନିଷଖାଦକମାନେ, ନିଅ ହେ ହରଷମନେ;
ମାଂସ ଅଖାଦକ ଯେବେ ଦେଖ ମଠ ମଠ ହୋଇ । ୫ ।

ଛଉବୃତ୍ତ ।

କେଉଟ—ଗ୍ରାହକମାନେ, ଶୁଣ ସୁମନେ, ଅନେକ ପ୍ରକାର ଜାଈଁ;
ଆଣିଛୁ ମାଛ, କହୁଇ ମିଛ, ସୁଜ୍ଞମନେ ନଅ ହର୍ଷ । ୧ ।
ଚେଙ୍ଗ ଷଉଳ, ଚଙ୍ଗୁଡ଼ି କଡ଼ା, ଗଡ଼ିଶ, କୋଇ, ମାଗୁର;
କଳା ବାଇଗୁ, ଅଛୁ ବାଲିଆ, ସ୍ୱାଦୁରେ ସେ ଅଟେ ସାର ॥
ଅବର ଗଣ୍ଡକଲରୁ ଖଣ୍ଡବାଲିଆ ଆଣିଛୁ ମୁହିଁ;
କେବଳ କଷା, ଖାଇଲେ ମିଠା, ତାର ପରି ଆଉ ନାହିଁ ।୩।
କଣିମରୁଆଁ, ଘିଅଗନ୍ଧିଆ, ଅଛୁ କେତେ ପରକାରେ;
ପୁଣି ଖାଇଙ୍ଗା, ହେବ ମହଙ୍ଗା, ନ ଦେବ ପଇସା କରେ ॥
କେସ୍ୱଣ୍ଡି ମୀନ, ଖେଉଳ ଯେନ, ପକ୍ଷୀସ ସେରନା ଅଛୁ;
ଶିଙ୍ଗାଳ ଚୂଲି, ଫଲି କୁରାଳି, କଣି ନଅ ବାଛୁ ବାଛୁ ॥

ରାଗ ଏକତାଳି ।

ମାଳୁଣୀ—ଛଣି ନଅ ଗ୍ରାହି ଖାଇଲା ମାତ୍ରକେ ମନ ଯିବ ମହି ।ଘୋ ।
ବାଡ଼ିରେ ବୁଣି, ବାଛୁ ଆଣିଅଛୁ ପନ୍ଦ୍ରକିଅଳୀ, ଫସଲର
ଛାର ସାଗ, ତାଉ ପିଉ ଜଣ ଜାହାର କହୁହିଁ ଖଟାରେ
ନ ଲାଗେ ଦାଗ । ୧ ।

ଏ ଶାଗ ଲାଗି, ଲୋକେ ଘର୍ ବୁଲନ୍ତି ମାଗି,
ଏବେ ଅଣିଅଛୁ ମୁହିଁ । ଯାଚକ ହୋଇ କେ ମୋ
ଗୋଡ଼ ଧଇଲେ ନ ଦେବ ଜଷ୍ଟବ୍ ଏହୁ । ୨ ।

ଭଲ ଏହାର, ଦିଶୁଅଛି ନେତ୍ରେ ଜ ମନୋହର,
ମର୍ତ୍ତି ଗଙ୍ଗାବାଲି ସମ । ଯିଏରେ ଲାଜିଣ ଭୁଞ୍ଜେ ପଢା-
ଇଲେ ଭୁଞ୍ଜ ନୁଏ ସ୍ୱର୍ଗଧାମ । ୩ ।

ପାଳଙ୍କଶାଗ, ଜାନଲେଉଟିଆ କୋଷଳାଗ୍ଭଜି, ଅଉ
ଅଛୁ ରଙ୍ଗଲିଜି । ସବୁ ଶାଗ ଯେନ ମିଶାଇ ମିଶାଇ
ଖାଇଲେ ମଜା ନ ଲେଖି । ୪ ।

ମାଳୀ—ଅଣିଛୁ ଅନେକ ଫଳ ଯେ ସ୍ୱାଦୁରେ ଅମୃତ ତୁଲ୍ୟ । ଯେ
ଯାହା ମନକୁ ଆସିଲେ ତାହାକୁ ନେଇ ଯାଅ ଦେଇ
ମୂଲ୍ୟ, ମାଗ ମୋ ବୋଲ । ୧ ।

ଆମ୍ବ ଜାମ୍ବ ବରକୋଳି ଯେ ଅବର ଅଛୁ କଦଳୀ ।
ନାରିକେଳ ନାଗରଙ୍ଗ କରମଙ୍ଗା ବାଛୁ ଅଣିଅଛୁ ତୋଳ,
ଜଳଜ କୋଳ । ୨ ।

ଅଛଇ କଇଁଠଫଳ ଯେ ରୁଚିକ କେତେ ମଞ୍ଜୁଳ ।
କମଳା ପଣସ ଖାଇଲେ ହରଷ ଜନମାଏ ପଦ୍ମଫଳ ।୩।

ଉଦୁମ୍ବର କେନ୍ଦୁ ଗୁର ଯେ ଅଞ୍ଜିର ବନର ସାର ।
ଖର୍ଜୁର ଖର୍ଜୁର ତାଳ କ୍ଷୀରକୋଳି ଲେମ୍ବୁ କଇଠ
ଜମ୍ବୀର, କେତେ ରୁଚିର । ୪ ।

ବୃନ୍ଦ ।

ବ୍ରାହ୍ମଣ—ଏ କହୁଛ ଭରଜାଗି ଅଛଇ ଯେତେ, ଏକକୁ ଅନେକ ଗୁଣ
ଜଳୁଛୁ ସତେ । ଜାଳି କେଶର ମନ୍ତ୍ରର ଜବାବ ନାନା-
ପ୍ରକାର, ଖାଇଦେଲେ ବୃଦ୍ଧ ହେବେ ଯୁବା ସମସ୍ତେ ।୧।

ଅମ୍ଳିକ ବ୍ରାହ୍ମୀ ଦୁବଦୁ ଔଷଧ ଏ ଅଚ୍ଛୁତକ, କହି
ବେଷନର ସାଜ ଖ୍ୟାତ ଜଗତେ । ୨ ।

ଅଶ୍ୱର ଗ୍ୱଲୁ ବରେଜ ସତୃଲା ଲଜାପିଅଜ, ପୁଷ୍ପସ-
ପାଗ ସାଜସ୍ଥ ଲଗ୍ନ ସହୁତେ । ୩ ।

ସୁଇତା ମୃଗଚର୍ମନା ଖାଇଲେ ଜାଣିବ ସିଦ୍ଧା, ଜାଣି-
ଜୟ ମୋର କଥା ନୋହିଲେ ପ୍ରତେ । ୪ ।

ଛଗବୃତ୍ତି ।

ଗନ୍ଧିଅ—ଏହାର ନାମ, ଗୋଲାପଜାମ, କେତେ ସୁରମ୍ୟ, ବିଜସ
ଯାକରେ ହେଲା ନିର୍ମିଣି । ଖାଇବ ଯେବେ, ଜାଣିବ

ଚେକେବ, ଖଲେଷ ଘେବେ, ମନଇଚ୍ଛେ ନିଅ ମୋଠାରୁ
କିଣି । ମୁଁ ଯେ କହୁଛି ଖାଇ; ଅଳ୍ପ ମୂଲ୍ୟ ଏହାର । ୧ ।

ନାମ ପ୍ରଖ୍ୟାତ, ମକୁଭାତର ମନକୁ ଭୁଲ, କଳୁଛ ସୁନ୍ଦର
ଏହୁ । ଅଛି ଖଜାଟି, ଯୋଡ଼ିକ ଯୋଡ଼ି, ପଣେ କଉଡ଼ି,
ଜୁଆବରେ ଦେବ ମୁହଁ । ଏଥି କୁହଇ ଅନ; ଘେନ
ଅବା ନ ଘେନ । ୨ ।

ଛାଗଡ଼ା ଚେଛନା, ମନକୁ ଘେନା, କଲ ରଚନା, ଯଥା-
ଭଲ ଖାଇ ଏହୁ । କେତେ ଦୁଧର, ଖରଚ ଖର, ଅଣି
ପରକ୍ରମ ହୋଇଛି ଖାଇ, ଏଠାରୁ ସ୍ୱାଦ ନାହିଁ । କହୁଅଛି
ଟେରେ; ଟଙ୍କାକୁ ଚକ୍ଷବ ଖେରେ । ୩ ।

ଜଳମୋହନ, ମନମୋହନ, ଯେଉଁ ଖଜାକୁ ଉପନ୍ତି
ମୋହନ, ଏପର ପଦାର୍ଥ ଏହୁ । କହୁଛି ସତ, ସ୍ୱର୍ଗ ଅମୃତ,
ଘସ୍ରେ ହୋଇଅଛନ୍ତି ସଂପୃତ, ଲେଶମାତ୍ର ମିଛ ହୋଇବ
ନାହିଁ । ମନେ ନ ଘେନ ଶଙ୍କା; ଏତ ଖେରକୁ ହେବ
ଦିଟଙ୍କା । ୪ ।

ଏ ପିଠାପଣା, ଅଟଳ କଡ଼ା, କେତେ ଦ୍ରବ୍ୟରେ
ହୋଇଛି ସଜଡ଼ା, ଏ କଡ଼ା ଅଟେ ସୁଷମ । ଉହୁଁକୁ ଖଣ୍ଡେ,
ଘଟାକେ ଭୁଣ୍ଡେ, କ ଅବା ଦଣ୍ଡେ, କର୍ଭ ପଲ୍ଲବେ ଲଚିବ
ଦିମ । ମୂଲ୍ୟ ଏହାର ଖାଇ; ଟଙ୍କାକରେ ଅଧସେର । ୫ ।

ଘୂମଗ୍ର ବୃତ୍ତ ।

କଣିଅ — ଦେଖ ଛାବକମାନେ ଯାହା ଅଛି ମୋହର ଦୁକାନେ । ଯୋ ।
ଜୀରା ଲବଙ୍ଗ ମରିଚ, ଗଜ଼ୁହୁକ ଅଳାଇଚ, ଶୁଣ୍ଠି,
ଯାଇଫଲ ମଞ୍ଜିଚ ଶୀତଳ ଇଖିଅଛଇ ଯତନେ । ୧ ।
ତେଜପତ୍ର ନାଗେଶ୍ୱର, ଗନ୍ଧୀଶପତ୍ର ଅବର, ବଚକୁଳା-
ଞ୍ଜିକି କରନ୍ତି ସେବନ ସ୍ୱର ଫିଟଇ ତତ୍କ୍ଷଣେ । ୨ ।

ପାନମହୁରୀ ଅଗୁରୀ, ଚଉଦ୍ଧିଡା ଜଟାମାଂସି, ଲୁଚ ଦେବ-
ଦାରୁ ଚନ୍ଦନ ଅଗୁରୁ କଥ ଯାହା ଅଛୁ ମନେ । ୩ ।
ସୁନାମାଷି ଅଜମୋଦା, ହେଙ୍ଗୁଳ କଟୁକ ଅଦା, କସ୍ତୁରୀ
କର୍ପୂର କୁଙ୍କୁମ କେଶରଂ ଟଙ୍କାରୁ ଦେବଇଁ ଚନେ । ୪ ।

ହୃମୀରବୃତ୍ତ ।

ମାଳୀ—କହ ବୋଲ ମୁଁ ତ ବଖାଣିବ କେ ଧୂଅଁପତରର ଗୁଣ ।
ଜଗତ ଭିତରେ ଯେ କେତେ ହୁଇରେ ମୋହୁଛୁ ସବୁଇ ମନ
। ଘୋଷା ।
ଚନ୍ଦ୍ର ଅସ୍ପନ୍ଦର ମଣ୍ଡିଃ ତାହାର ଦେଖିଲା ବେଳରୁ ଜ୍ଞାନ ।
ପାଚଲେ ପତର ଛାଞ୍ଚିବା ମାତର ମୂଲ ହେଉଥାଇ ଟଙ୍କା ।୧।
ଗୁଡ଼ରେ ମିଶାଇ ଚଡ଼ାଇ କହନ୍ତେ ବଡ଼ଲୋକେ କୁଏ ପାନ ।
ଥୋକାଏ ଥୋକାଏ ନାସ ହେଉଥାନ୍ତି ପକାଇ ଚଇଲ ତୂନ ।
ମିଶିଲେ ଗଞ୍ଜାଇ ତରକୁ ରଙ୍ଗିଲି ଉଦେ କରେ ବ୍ରହ୍ମଜ୍ଞାନ ।
ହଲିଅ ମୂଇଅ ଯାଲିଅପତରେ ପିକା ଖାଉଥାନ୍ତି ପଣ ।।
ରଜନୀ ଦିବସେ ରଖିଥାନ୍ତି ପାଖେ ଯେ କରୁଥାଏ ସେବନ ।
ଅନ୍ନ ପାଣି ପଛେ ଦୂର ହୋଇଯିବ ଧୂଅଁ ନ ହୋଇବ ଭିନ୍ନ ।।
ମୁଖଦୁର୍ଗନ୍ଧକୁ ଏ ନାଶ କରଇ ମୂଲ୍ୟମାତ୍ରକ କହନ୍ତି ।
ଏହି ପଇସାରେ ପାଞ୍ଚପଣ ଧୂଅଁ ହେବ ଏହାର ପ୍ରମାଣ ।।

ସୁଲବୃତ୍ତ ।

ବୈଦ୍ୟ—ଦେଖ ଦେଖ ଜନେ ସକଳ କଥାନେ ଔଷଧ ଅଣିଛୁ ମୁହିଁ ।
ଖଣ୍ଡ ଲେଦ୍ଦ ଚୂର୍ଣ୍ଣ ବଟିକା ସହିତେ ସଂଯତନେ ଅଛୁ ଥୋଇ ।୧।
ସଙ୍ଖ୍ୟା କହୁଅଛୁ ଥୋକେ ତନ୍ତୁ ବାଛିଦେଇ ଯା ଇଚ୍ଛା ମନରେ
ଏହି ବତିଶରୀ ଶ୍ରେଷ୍ଠା ଜାଣଦରୀ ଜ୍ୱରବେଦଅ ଭଣାରେ ।।
ଲବଙ୍ଗାଦି ଚୂର୍ଣ୍ଣ ହରଇ ଅଜୀର୍ଣ୍ଣ ବଳଦ୍ଧେ ଅଗ୍ନି କର ।

କଣ୍ଡାଦ୍ରୁତ-ଖଣ୍ଡା ଅଞ୍ଚଳ ପ୍ରଚଣ୍ଡା କାଗନାଗନଙ୍କୁ ସାର ।୩।
ଚନ୍ଦ୍ର କଳାଂ ଲେହ୍ୟ ହରେ ପିତ୍ତଦାହ ଭ୍ରମ ମୂର୍ଚ୍ଛା ଅବିକଳ ।
ନୃପତିବଂଶଜ ଜରେ ବଡ଼କାଳ ବୃନ୍ଦ ଶୂଳ ହଡକାସ୍ତି ।୪।
ଯେଉଁ କାମେଶ୍ୱର ମୋଦକଶେଖର ଜାଣନ୍ତି ରସିକବର ।
ସେବନ ମାତ୍ରକେ ସୁରଭ ଉଦ୍ଧ୍ୱକେ କାନ୍ତିଦମ୍ଭ ସ୍ତୁଏ ଚର୍ଯ୍ୟା ।
ହରେ ପୁଷ୍ଟାଙ୍ଗକ ଜାଗ୍ର ଧ୍ୟାନଯୋଗ ପ୍ରଦର ପ୍ରମେହ ଆଦି ।
ପିତ୍ତ ବମି ଅତିସାର ନାଶେ ଝାଡ଼ି କଣରଶ କର୍ପୂରାଦି ।୬।

ରାଗ ଝୁଲା ।

ମାଳୀ—ଏହ ବହୁତ ଭଲ? । କହଁ ଲଥ ଫୁଲ? ଯେ ଯାହା ବଳ ।ଘୋ।
ନାଗେଶ୍ୱର ଯାଇ ଅଶୋକ କଅଳୀ ସୀତା ମନୋହର କୁଳ ପାଟଳୀ । ସୁଲଗୀଲୋତ୍ପଳ ଗୋଲାପ ଶିରୀଷ ସୁବାସିତ ଏକ ଅବଲୁ ବଳ । ୧ ।

ଗୌର ଗଣ୍ଡ ଚମ୍ପା ମଣ୍ଡି ଙ୍ଗ ଯେବେ ଯାଉଥିବ ବାଟେ ମୂର୍ଚ୍ଛିଲେ ଦୋଳ । ତାହା ଶୋଷ୍ଣ ଦେବ ମଦନ ଅନଳ-ଦଗ୍ଧ-ହୃଦେ ହେଲେ ଚନ୍ଦନ ବୋଲି । ୨ ।

କମ୍ବୁକଣ୍ଠେ ଯେବେ ଉରଜ ପରଶି ଲମ୍ବିଥିବ ସ୍ନିଗ୍ଧ ବକୁଳ-ମାଳୀ । ସ୍ୱଚ୍ଛ ଦମ୍ଭ କେତେ ଦମ୍ଭୀ ପତି ଦମ୍ଭ ଦର୍ପଣ ମାଡ଼-ରେ ଦେବଟି ଢାଳି । ୩ ।

ନୂଦେ ଏ କୁସୁମ କୁସୁମକୋଦଣ୍ଡ ଏକମୂଳାଷର ଗମ୍ଭଳ-କଳୀ । ନବସୁରସିକା ଶିରକଣ୍ଠା ହେଲେ ଯୁବକ ମରମେ ଘିବଟି ଗଳି । ୪ ।

କେବଳ—ବଜାରେ ସବୁ ଜିନିଷ ଅଛି; ମାତ୍ର ମୋହଠାରେ କଉଡ଼ି ନାହିଁ କଥଣ କରିବ ? ମୁଁ ତ କହାଡ଼ି ଗଲିବ, ପାଞ୍ଚଦିନ ହେଲା ପେଟରେ ଅନ୍ନ ନାହିଁ, ସାଇପଡ଼ିଶା ଘରେ ଉଧାର ମିଳୁ ନାହିଁ । ନ ଖାଇ କେତେଦିନ ପ୍ରାଣ ରହିବ ?

କେବଳରେ ଦେହ ଅଛଳାଣି । ପେଟଜ୍ୱାଳାରେ ମଣିଷ ଅସ୍ଥିର କରେ; ତେବେ ହେଲେ ମୁଠାଏ ଅନ୍ନ ମିଳିବା କଠିନ । ସୁହାସିନୀର ଭଣ୍ଡି ଚରିତ୍ରରେ ବସାଇ ଅଛିତ । ଯୁବରାଜ କଅଁ ଏ ପାପକଥାରେ ମନ ବଳାନ୍ତେ ? ମୋ ପେଟଜ୍ୱାଳା ନିବର୍ତ୍ତିଇବା ପାଇଁ ଏ ଉପାୟ କଲି ତେବେ ମଧ୍ୟ ପୋଡ଼ା ପେଟକୁ ମୁଠାଏ ମିଳିବ ବୋଲି ଭରସା ହେଉ ନାହିଁ । କପାଳର ମନ୍ଦ, ଦୁଃଖରେ ଜଣେ ବଡ଼ଲୋକଙ୍କ ନାମ ନେଇ ଗୋଟିଏ କଳଙ୍କ ଅପଷଣୀର ମାନ, ମନ୍ଦର ହରଣ କରାଇ ଦୁଇ ଚାରି ପଇସା ଉପାର୍ଜ୍ଜନ କରି ପେଟଜ୍ୱାଳା ମେଣ୍ଟାଇବାକୁ ଏ କାଣ୍ଡ କରିଅଇଲି; ତେବେ ମଧ୍ୟ ପରିତ୍ରାଣ ନାହିଁ । କି ଉପାୟରେ କାର୍ଯ୍ୟ । ସାଥ ଧାଉଚ କିଛି ଅଧ ହେଉ ନାହିଁ । (କିଛି କ୍ଷଣ ଚିନ୍ତା କରି) ଯେବେ କେହି ଜଣେ ବଦେଶୀକ ଲେଖ ପାଅନ୍ତି ତାହାକୁ ସୁହାସିନୀ କଳଙ୍କକୁ ଘେନ ଯାଅନ୍ତି । ଏ ଅନ୍ଧାରରେ ସୁହାସିନୀ ଯୁବରାଜ ନିହନ୍ତି ବୋଲି ଜାଣି ପାରିବ ନାହିଁ ଯୁବରାଜ ବଳେ ହେଲେ ବୋଲି ତାଠାରେ ଅଗଲୁ କହି ଦେବ । ପରେ ସେହି ବଦେଶୀକ ପାଖକୁ ଘେନ ଯିବ । ସେ ତ ଯୁବରାଜଙ୍କୁ ଭଲ କରି ଦେଖି ନାହିଁ ଓ କଥାଟ ତାଙ୍କର କେବେ ଶୁଣି ନ ଥିବ କେମନ୍ତ ଜାଣିବ ଯେ ଏ ଯୁବରାଜ ନୁହନ୍ତି ? କିଏ ଜାଣେ ମୋ କପାଳକୁ ତାହା ମଧ୍ୟ ଘଟିବ ନାହିଁ କି ? ଯଦି ନ ଘଟେ ହେଲେ ଆଉ ବଞ୍ଚିବାର ଭରସା ନାହିଁ । ସହରର ଲୋକେ ମୋ କଥା ଏବିକ ଯେବେ ନାହିଁ ପୁଣି ମୋର ପେଟଗାରବ ମାରୁଯିବ ।

(କପିଳଚନ୍ଦ୍ରଙ୍କର ପ୍ରବେଶ)

ଭଗବନ୍ତ—ସାଅନ୍ତେ ଅପଣ କାହିଁ ଯିବେ ? ଅପଣଙ୍କ ଘର କେଉଁଠି ?

କପିଳ – ଅମ୍ଭ ଘର ଏହି ନଗରରେ ।

ଭଗବନ୍ତ—କେଉଁ ସାଇରେ ?

କପିଳ—ବ୍ରାହ୍ମଣସାଇରେ ।

ଭଗବନ୍ତ—ତେବେ ଆଜିକି ଅପଣଙ୍କୁ ଏ ସାଇରେ ରହିବାକୁ ହେବ ।

କପିଳ – କାହିଁକି ?

ଭଗବନ୍ତ—ବ୍ରାହ୍ମଣସାଇର ଫାଟକ ବନ୍ଦ ହେଲାଣି, ଯେବେ ଅପଣ ଯିବେ ହେଲେ ପାଇକମାନେ ଚୋର ବୋଲି ରାତିଯାକ ଅଟକାଇ ରଖିବେ । ଆଜିକି ରାତି ଏହି ସାଇରେ ରହି କାଲି ସକାଳୁ ଘରକୁ ଗଲେ ଭଲ ହେବ । ନୋହିଲେ ଅବଶ୍ୟ ହରବରରେ ପଡ଼ିବେ ।

କପିଳ—ତେବେ ମୋତେ ଏ ସାଇରେ ରହିବାକୁ ପଡ଼ିବ ।

ଭଗବନ୍ତ—ଏଠାରେ ଶୋଇବାକୁ ଥା   ନାହିଁ । କିମିତି ରାତି ପହାଇବେ ?

କପିଳ—ଓଃ ! ବିଧାତା ମୋ କପାଳରେ କେତେ ଦୁଃଖ ଲେଖିଛି, ଏତେ ଦୂର ବୁଲି ଘରକୁ ଆସିଲି ତେବେ ମଧ୍ୟ ଦୁଃଖ ଗଲା ନାହିଁ । ବିଦେଶରେ ଯେତେ ଦୁଃଖ ହେଲା ତାହା ଯେଉଁପରି ହେଲେ ସହିଲି । ଘର ଏଠାରୁ ପାଏ ବାଟ ମଧ୍ୟ ନାହିଁ ତଥାପି ଏହି ଦୁଃଖ । ଅମ୍ଭ ରାତି ହୋଇଗଲା, ରାତିରେ ଏକ ସାଇରୁ ଦୋସର ସାଇକୁ ଯିବାକୁ ହୁକୁମ ନାହିଁ । ଏବେ କରିବି କଅଣ ?

ରାଗ ଚଉପଦୀ । ତାଳ ଝୁଲା ।

କଳାଜାମା ପିନ୍ଧି ଧ୍ୱାନ୍ତ ସେନାଏ ଆଗତ ।
ଢାକିଲେ ଏ ଚରାଚର ହେଲା ବଶୀଭୂତ ।

ଦେବୀ କୃଷ୍ଣ ଉପଗତ ।
ତୁମ୍ଭ ଅନୁଚରଗଣ ଘୋଷିଲେ ଜଗତ । ୧ ।
ଏହୁ ବାଣୀ ଶୁଣି ଗର୍ଜି ଦେବୀ ବରଷିଲ ।
ଅନୁଚରଗଣ ସଙ୍ଗେ ହେଲେ ବିରାଜିତ ।
ଦ୍ୱିଷ୍ଟିଷ୍ଟିର ଧାରାବାନ୍ ।
ଦେବୀ ପ୍ରସାଦର ଅର୍ଥେ ଭଜିଲେଣି ଅସ୍ତ୍ର । ୨ ।
ନବଘନବାସ ଦେବୀ କର ପରିଧାନ ।
ଶ୍ୱେତଦିଗ ପଣ୍ଡରେ କଲେଣି ଅଞ୍ଜନ ।
ଦେଖ ଦିଶେ କୃଷ୍ଣବର୍ଣ୍ଣ ।
ଏହୁ ଏବା ବସୁଧୀଙ୍କ ହରଷବର୍ଦ୍ଧନ । ୩ ।
ଅକାଳରେ ପରଶରେ ପବନ ପ୍ରଖର ।
ବରଷୁଛୁ ତହୁଁ ପୁଣି ମନ୍ଦ ୨ ଧାର ।
ହୃଦ ଦେଖି ହୁଏ ଯାଇ ।
ଏକାଳରେ ଏବା ହୋଇ ବର୍ଷି ବ ଉଦୟ । ୪ ।

ସୁର୍ଯ୍ୟକିରଣରେ ଝାଉଁଳିବା ଗଛ ପତ୍ର ପାଇଁ ଏ ବରଷା ଉତ୍ତମ ହୋଇଅଛୁ ମାତ୍ର ମୋତେ ଅଧିକତର ଦୁଃଖଦାୟକ ହେଲା ।

ରସବତୀ—ବରଷା ହେବାର ଅପଣଙ୍କୁ ବଡ଼ ଅସୁଖ ହେଲା । ଯେବେ ମୁଁ ଏହି ବରଷାରେ ଅପଣଙ୍କ ସୁଖ ହେବା ଭଳ ଭାବ କରିଦେବ ହେଲେ ମୋତେ କ ବକ୍ସିସ ମିଳବ ?

କପିଳ—(ଈଷତ୍ ହସି) ମୁଁ ତ ବରଷା, ଶୀତଳପବନ କଅଁ ପର ଲାଗୁ ଅଛୁ । କେମନ୍ତ ସୁଖ ହେବ ?

ରସବତୀ—କିରବ ହେଉ ଏହା କଷ୍ଟକଷ୍ଟ ଥିଲା । ଯଦି ମୁଁ ଅପଣଙ୍କ କରଦୁଃଖଥା ଦୂର କରାଇ ଦେଇ ହେଲେ, ପୁଣି ଏବଳ କହିବେ ?

କପିଳ—ଏହା ସାମାନ୍ୟ କଥା ନୁହେ । ତୁ କେମନ୍ତ ମୋ ହୃଦୟ-ଦୁଃଖ ମେଣ୍ଟାଇ ପାରିବୁ । ମୁଁ ଘରକୁ ପହୁଞ୍ଚିଥିଲେ ଅବଶ୍ୟ ଦୁଃଖ ଦୂର ହୋଇଥାନ୍ତା । ଘରକୁ ଯିବାକୁଇ ଗଲ ନାହିଁ ଦୁଃଖ କେମନ୍ତ ଦୂର ହୋଇ ଯାଇବ ?

ରସବନ୍ତ—ଆପଣଙ୍କ ଦୁଃଖ ଅବଶ୍ୟ ଦୂର କରାଇ ଦେବ । ମୋତେ କଅଣ ବକ୍‌ସିସ ମିଳିବ ?

କପିଳ—ପାଞ୍ଚଟଙ୍କା ବକ୍‌ସିସ ମିଳିବ ।

ରସବନ୍ତ—ହେବା ହେଉ, ଆପଣଙ୍କୁ ଅବଶ୍ୟ ସୁଖ ହେବ ।

କପିଳ—ହେଉ ନେ (ବୋଲି ପାଞ୍ଚଟଙ୍କା ଦେବାର) ।

ରସବନ୍ତ—ମଦନଉଦ୍ୟାନକୁ ଆସିବା ହେଉ ।

କପିଳ—କାହିଁକି ?

ରସବନ୍ତ—ସେହି ଉଦ୍ୟାନରେ ନାନା ଜାତି ଫୁଲ ଫୁଟିଥିବାର ଶୀତଳ ଓ ସୁଗନ୍ଧପବନ ବହୁଅଛି ପୁଣି ବେଶ୍ ମଜା ଜାଗା ସେହିଠାରେ ଆପଣଙ୍କ ମନକାମନା ସିଦ୍ଧ ହେବ ।

କପିଳ—ତାହା ହେଲେ ଯିବା (ଦୁହିଙ୍କର ପ୍ରସ୍ଥାନ) ।

ତୃତୀୟ ଦୃଶ୍ୟ ।

ମଦନଉଦ୍ୟାନ ।

ସୁହାସିନୀ—(ସ୍ୱଗତ) ରସବନ୍ତ ଯୁବରାଜଙ୍କୁ ବେଳେ ଜଗାଇବା ପାଇଁ ଯାଇଛି ମାତ୍ର ଏତେ ଉଛୁର ହେଲା ଆସିଲା ନାହିଁ । ରସବନ୍ତ ମୋ ଆସିବା କଥା ଜଣାଇ ପାରି ନ ଥିବ ପରା ! କେ ଜାଣି ସମୟ ପାଇ ପାରି ନ ଥିବ କିବା ଯୁବ-

ରାଜ ଏଠାକୁ ଆସିବାକୁ ନାହିଁ କରିଥିବେ, ସେହି ହେତୁ ଭଗବତୀ ମୋ ପାଖକୁ ଆସିଲା ନାହିଁ କି ? ଯୁବରାଜ ବନ୍ଧୁର ଦିନରୁ ମୋ ପାଇଁ ଝୁରୁଥିବାର ଭଗବତୀ କହୁଛୁ, ଯେବେ ଭଗବତୀ ଛାମୁକୁ ପହଞ୍ଚିବ ହେଲେ ଅବଶ୍ୟ ଆସିବେ । ଅତା ଗହଳ ଯୋଗରୁ ଜଣାଇ ନ ଥିବ, ଜଣାଇଲେ ମଧ୍ୟ ଗହଳବେଳେ କେମନ୍ତେ ଆସି ପାରିବେ ? ସେଠ ବଡ଼ଲୋକ ତାଙ୍କ ପଛେ ଅନେକ ନୌକର ଚାକର ଗୋଡ଼ାଇବେ ଏହୁ କଷ୍ଟରେ ଛୁପି ଆସିବାକୁ ସେର କର ଉଦ୍ଧୃତ କରୁଥିବେ ? ବିଳମ୍ବ ହେଉଥିବା ଯୋଗୁଁ ମୋ ମନ ଉନ୍ମିଳିତ ହେଉଛୁ ! ପୁଣି ଶୀତଳପବନ ମୋତେ ବଡ଼ ଅସୁଖ ଲାଗୁଛୁ । ଆଉ ଘଡ଼ି ଏ ବିଳମ୍ବ ହେଲେ ବେଦରେ ପ୍ରାଣ ଯିବ । ପ୍ରାଣ ଗଲା ବାଦେ ଆସି କି ଅଣ କରିବେ ? କଥାଟା ବଡ଼ କଷ୍ଟର । ମୋତେ କେତେ ଦଣ୍ଡ ଦେଉଛୁ । ସାତ ମାସରୁ ପଡ଼ି ବିଦେଶୀ ହେଲେ । ପାଠଶାଳାରେ ପଢ଼ି ଏତେ ଦୂର ଆସିଲ ତେବେ ମଧ୍ୟ ସେହି ଦଶା । ଯଦି ଯୁବରାଜ କେଜ ନ ହେବେ ହେଲେ ମୋ ପ୍ରାଣ କି ବଞ୍ଚିବ ?

ମୁଁ କି କର ପ୍ରାଣ ରହିବ ଧର ।
ସୁରଷରେ ଦୂର ହୁଏ ବୋଲ । ଶୋଷା ।
ନବଷେଚେ ତାରମୁକ ଚନ୍ଦ୍ର ।
ପଶିଲେଣି ଘନବନ ଘୋର । ୧ ।
କନ୍ଦୁଁ ଶତ୍ରୁ ଧର ଦୁର ପ୍ରହରୀ ।
ରହିଲେ କେହି କି ବେଳ । ୨ ।
ଏ ଝଞ୍ଜାପବନ ପବନ ପର ।
ମୋ ଧର୍ମ୍ମରେଖକୁ ଅଛୁ ଅବୋଧ । ୩ ।

ଯତଃ କୁସୁମଶର ମାଧବ ।
କାମୀଜନ ମନ ନେଉଛି ହର । ୪ ।

(ବଠାର) ଇନ୍ଦ୍ରବନ୍ଧୁ ଆସୁଛି ପରା ! ଯୁବରାଜ ମଧ୍ୟ ଏଣିକି ଦେଖୁଥିବେ । ଦୁଇ ଜଣଙ୍କ କଥାବାର୍ତ୍ତା ଶୁଣୁଅଛି । ଯୁବରାଜଙ୍କ ସହିତ କେମିତି କଥାବାର୍ତ୍ତା କରିବ ? ମୁଁ ବଡ଼ଲୋକଙ୍କ ସହିତ କେବେ କଥାବାର୍ତ୍ତା କରି ନାହିଁ । ରାଜକୁମାର ସମ୍ମୁଖରେ ବହୁ କଥାବାର୍ତ୍ତା ହେବା କି ସହଜ କଥା । କଥାରେ ଭୁଲିଲେ ଗାଉଁଲୀ-ମାଈକିନିଆଁ ବୋଲି ଆଉ କି ନଜରକୁ ଆଣିବେ ?

(ଇନ୍ଦ୍ରବନ୍ଧୁର ପ୍ରବେଶ)

ଇନ୍ଦ୍ରବନ୍ଧୁ—ତୁମେ ବଡ଼ ସଉଭାଗୀ, ଯୁବରାଜ ଏଣିକି ଆଉଛନ୍ତି ।

ସୁହାସିନୀ—କେତେ ଦୂର ଅସିଲେଣି ?

ଇନ୍ଦ୍ରବନ୍ଧୁ—ଆଗୁ ବାଟରୁ ଖବର ଦେବା ପାଇଁ ଆସିଲି । ଦେଖ ତୁମେ ତାଙ୍କ ସମ୍ମୁଖରେ କେଉଁଣସି କଥା କହିବ ନାହିଁ । ତବ ଜାଣେ କେତେବେଳେ ଭୁଲି ଯିବ । ସେ ରାଜକୁମାର, ତାଙ୍କ ସମ୍ମୁଖରେ କଥା କହିବା ସହଜ ନୁହେଁ । ସେ ଯାହା କହିବେ ତୁନି ହୋଇ ଶୁଣୁଥିବ । ଯେବେ ତୁମେ କିଛି କହିବ ତହିଁରେ ଯୁବରାଜ କ୍ରୋଧ ହୋଇ ବାହୁଡ଼ି ଯିବେ ତେବେ ମୋତେ ଦୋଷ ଦେବ ନାହିଁ । ମୋତେ ଯାହା କରିବାକୁ ଥିଲା ତାହା କରି ଦେଲି । ସାକ୍ଷାତ ନ ହେବା ପର୍ଯ୍ୟନ୍ତ କିଛି ହେଲେ ମୋ ଦୋଷ ବୋଲିବ । ସାକ୍ଷାତ ହେଲେ ତୁମ କଥା ତୁମେ ଜାଣ । ମୋ କହିବା କଥା ଗୁଡ଼ିକ ମନେ ରଖିଥାଅ । ପାସୋରିବ ନାହିଁଟି ? ମୁଁ ପାଖେଇଟି ଯାଉଚି ।

(ଇନ୍ଦ୍ରଜିତର ପ୍ରସ୍ଥାନ)

ସୁହାସିନୀ—(ସ୍ୱଗତ) ମୁଁ ତ ଆଜିଯାଏଁ ଅନ୍ୟ ଲୋକ ସହିତ କଥା ହୋଇ ନାହିଁ ବଡ଼ଲୋକ ସଙ୍ଗେ କେମନ୍ତ ମର୍ଯ୍ୟାଦା କରିବାକୁ ହୁଏ କିଛି ଜଣା ନାହିଁ । ମର୍ଯ୍ୟାଦା ନ ହେଲେ ମହାରାଜ କ୍ରୋଧ ହେବେ ଅବା ? ଇନ୍ଦ୍ରଜିତ କଥା କହିବାକୁ ମନା କରିଛି । ଚୁପ ହେବା ଭଲ ।

(ଇନ୍ଦ୍ରଜିତ ଓ କପିଳର ପ୍ରବେଶ)

ଇନ୍ଦ୍ରଜିତ—(ହସ୍ତନିର୍ଦ୍ଦେଶ କରି) ଏହି ମଣ୍ଡପକୁ ଚାଲେ ହେଉନ୍ତୁ । ମଣ୍ଡପ ଭିତରେ ମୋ ନାତୁଣୀ ଅଛି, ମୋ ନାତୁଣୀ ଅତି ସୁକୁମାରୀ । ମୁଁ ଅଧିକ କଅଣ ଜଣାଇବି ।

କପିଳ—ଏ ତ ବଡ଼ ଅନ୍ଧାର ସ୍ଥାନ, କିଛୁ ଦିଶୁ ନାହିଁ । ମୋ ମନକୁମୁଦକୁ ପ୍ରାଣପ୍ରିୟାର ଶ୍ରୀମୁଖଚନ୍ଦ୍ରମା ଦେଖାଇ ପ୍ରଫୁଲ୍ଲ କରାଇବାକୁ ଇଚ୍ଛା କରିଥିଲି । ମାତ୍ର ଏ ଜବର ଅନ୍ଧାର ଯୋଗରୁ ମୋ ମନବାଞ୍ଛା ପୂରଣ ହେଲା ନାହିଁ । ମୋ ପ୍ରାଣବନକୁ କାମଦାବାନଳ ଦଗ୍ଧ ହେଉଅଛି । ହେ ସୁଶୀଳେ ! ତୁମ୍ଭର କରୁଣାବାରି ସିଞ୍ଚନ ବିନା ଜ୍ୱାଳା ଶାନ୍ତିର ଉପାୟ ନାହିଁ । ତୁମ୍ଭର ପାଇଁ ଏ ଅନ୍ଧାର ଘରେ ଧାଇଁ ଆସିଅଛି । ମୁଁ ଆଜିଠାରୁ ତୁମ୍ଭର କିଣିଲା ଚାକର ହେଲି । ମୁଁ ଘରଦ୍ୱାର ଛାଡ଼ି ତୁମ୍ଭର ସ୍ନେହ-ରଜ୍ଜୁରେ ବନ୍ଧା ହୋଇ ରହିଲି । ମୋର ଗୃହିଣୀଠାରେ ଆଉ ମନ ବଳୁ ନାହିଁ । ମୋ ଗୃହିଣୀ ସୁହାସିନୀ-ସୁନ୍ଦରୀ ମାତ୍ର ତାହାର ଚରିତ୍ର ଖରାପ ।

(ଇନ୍ଦ୍ରଜିତ କପାଳରେ ହାତ ଠୁକିବାର ।)

ସୁହାସିନୀ—(ହଠାତ୍ ମଣ୍ଡପରୁ ବାହାରି) ତୁମ୍ଭେ କେଉଁ ମାଇକିନିଆର ସ୍ନେହରେ ବୁଡ଼ିଅଛ ? ଏତେ କଥା କାହାକୁ

କହୁଛ ? ତୁମେ ସବୁବେଳେ କହୁଥାଅ ତ ତୋ ବିନା ମୋ ଗତି ନାହିଁ ପରସ୍ତ୍ରୀକି ଦେଖେ ନାହିଁ । ଏବେ ତୁମ୍ଭର ସବୁକଥା ଜଣାଗଲା । ନିଜେ କଷ୍ଟ ପାଇ ଏତେ ଦୂର ଯାଇଁ ଆସିବ ; ବିଦେଶ ଯାଇଛୁ ବୋଲି ମୋତେ ଭଣ୍ଡି ଏହିଠାରେ ରହି ମଉଜ କରୁଅଛ ? ତୁମ୍ଭ କଥା ଲୋକ ମୁଖରୁ ଶୁଣି ସତ ବା ମିଛ ବୁଝିବାକୁ ଆସି ଉପ-ବନ୍ଧୀଙ୍କ ପଠାଇ ଜଣାଇବ । ଲୋକେ ଯାହା କହୁଥିଲେ ସବୁ ସତ । ତୁମ୍ଭର ଆଚରଣ ଏପରି ବୋଲି ମୋତେ ଜଣା ନ ଥିଲା ।

କପିଳ— ମାଉସି ! ତୁ ମୋତେ ବଡ଼ ବିଭ୍ରାଟରେ ପକାଇଲୁ । ତୋହର ପାଇଁ ଯିବା ଏତେ ଲାଞ୍ଛନା ଭୋଗିବାକୁ ହେଲା !

ସୁହାସିନୀ—(କପିଳର ହସ୍ତ ଧରି) ମାଉସୀ କିଅଣ କଲା ? ନିଜେ ପାପରେ ବୁଡ଼ି ପରକୁ ଦୋଷ ଦେବା ଏ କି କଥା ? ମୁହଁରେ ଟିକିଏ ମଧ୍ୟ ଲାଜ ନାହିଁ ? ତୁମ୍ଭେ ମାଉସୀ ଉପରେ ସବୁକଥା ଲଦି ଦେଇ ନିଜ ପାପ ଘୋଡ଼ାଇଲେ କି ଘୋଡ଼ି ହେବ ?

କପିଳ— ପ୍ରିୟେ ! ଆଉ ଅଧିକ ତିରସ୍କାର କର ନା । ମୁଁ ତୋର ସ୍ୱାଧୀନଗତ ଲୋକ । ତୋ ପରି ସୁନ୍ଦରୀଙ୍କୁ ଛାଡ଼ି ଅନ୍ୟ ମାଇକିନିଆଠାରେ କାହିଁକି ମନ ବଳାଇବି ? ମୁଁ ମୋ ମିତ୍ରଙ୍କ ପାଖକୁ କାଲି ଆସିବି ବୋଲି ପତ୍ର ଲେଖିଥିଲି; ସେହି କଥା ଶୁଣି ମୋତେ ହଟହଟା କରାଇବାକୁ ଏତେ କାଣ୍ଡ କରାଇ ଅଛ ? ତୋତେ ଦେଖିଲାକ୍ଷଣି ମୋ ମନରେ ଏହିକଥା ସ୍ମରଣ ହେଲା । ମୋ ଦୋଷ କ୍ଷମା କର ।

ସୁହାସିନୀ—ମୋ ଚରିତ୍ର ମନ୍ଦ କହାଇ ଏବେ କହୁଥିଲ, ଆଉ ଏବେ ଭୁଲି ଗଲ । ମୋଠାରେ ଆଉ ତୁମ୍ଭର କି କାର୍ଯ୍ୟ ? ତୁଷ୍ଟରେ

କାହିଁକି ଏତେ ବେଳାବେଳି କଥା କହୁଛ ? ପର
ସ୍ତ୍ରୀରଙ୍କରେ ପଡ଼ି ଘରବାର ଛାଡ଼ି ଅନେକ ଦିନ ହେଲା
ଏହିଠାରେ ରହି ମଉଜ କରୁଛ । ଏବେ ଛଣାପଣି-
କାକୁ ଦୋଷ ଛପାଉଛ ।

କପିଳ—(ସୁହାସିନୀର ହସ୍ତଧରି) ପ୍ରିୟେ ! ଏତେ ଅଧିକ କ୍ରୋଧ
କାହିଁକି ? ମୁଁ ତୋର ସେବକ, ଯାହା ଇଚ୍ଛା ତାହା
କର । ମୋ ଅପତ୍ତି ନାହିଁ ।

ସୁହାସିନୀ—(ହାତ ଛିଣ୍ଡାଇ) ଛି ! ଛି ! ପୁରୁଷମାନଙ୍କ କଥାର ଥୟ
ନାହିଁ । ଅଳ୍ପରେ କପଟ ଭର୍ତ୍ତି ଦେଖେ ଖଣ୍ଟିକଥା
କହନ୍ତି । ତୁମ୍ଭର କଥା ଶୁଣି ମୋ ପ୍ରାଣ ଜଳଉଛି । ମୋ
ଆଗେ ଏଭଳି କଥା କହ ନା ।

କପିଳ—ଏଭଳି ରାଗ କର ନା । ମୁଁ ଦାସ ଯେଉଁ ଦଣ୍ଡ ଦେବେ
ସେହି ଦଣ୍ଡ ସହିବ । ଚାଲ ଏବେ ଘରକୁ ଯିବାପାଇଁ ଖଟ୍‌କ
ଖିଆଲିବା କମନ୍ତେ ରାଜାଙ୍କୁ ଜଣାଇବା ।

ସୁହାସିନୀ—କେବେ ହେଲେ ଲାଜ ନାହିଁ ନାହିଁ ? ରାଜାଙ୍କ ଛାମୁରେ
କି ବୋଲି ଜଣାଇବ ?

କପିଳ—ଅଧିକ କ୍ରୋଧ କର ନା । କ୍ରୋଧ ହେବା ଦେଖି ମୋ ସାହସ
ଭାଙ୍ଗି ଯାଉଛି ।

ସୁହାସିନୀ—ମୋ କ୍ରୋଧକୁ ଯେବେ ଡର ଆପଣ ହେଲେ ଏହା
କହନ୍ତି କାହିଁକି ?

(କପିଳ ମୋତେ କ୍ଷମା କର ବୋଲି ସୁହାସିନୀର ହାତ
ଧରିବାର ଓ ସୁହାସିନୀ ହାତ ଛିଣ୍ଡାଇବାର ।)

ଯବନିକା ପତନ ।

ସମାପ୍ତ ।

—୦:୫:୦—

National Library,
Calcutta-27